ଚାଉଳଧୁଆ ନଈ, ପଦ୍ମାବତୀର ଗାଁ

ତା.୧/୪/୨୦୧୩ । ଉତ୍କଳ ଦିବସ । ଗାଁ: ଦେଶୁଘାଟୀ । ବ୍ଲକ୍: ତୁମୁଡିବନ୍ଧ । ଜିଲ୍ଲା: କନ୍ଧମାଳ । ଦିନ: ୧୧ ଟା । ପିପଡାବାଲି ପାହାଡ ତଳର ଏଇ ଛୋଟ ଗାଁରେ ଆମେ ପହଞ୍ଚିବା ବେଳକୁ ଅସାଭାବିକ ଭାବେ ଖାଁ ଖାଁ ଲାଗୁଥିଲା । ଝିରିପାଣିକୁ ଯାଇଥିବା ମୁଖ୍ୟ ରାସ୍ତାଠୁ ମାତ୍ର ଦେଢ ଶହ ମିଟର ଦୂରରେ ଦେଶୁଘାଟୀ । ଗାଁ ଦାଣ୍ଡର ଦି' ପାଖରେ ଦି' ଧାଡି ଘର । ସବୁ 'ମୋ କୁଡିଆ' ଯୋଜନାରେ ତିଆରି । ଇଟାକାନ୍ଥରେ ମାଟି ନେସା ହୋଇଛି । ଖପର ଛାତ । ଘର ଆଗକୁ ଛୋଟ ବାରଣ୍ଡା । ଖପର ଉପରେ ପ୍ରାୟ ଦୁଇ ଇଞ୍ଚର ସିମେଣ୍ଟ ପଲସ୍ତରା । ଛାତରେ ଗ୍ଲେଜ୍ଡ୍ ଟାଇଲ୍‌ର ଟୁକୁଡା ଖଞ୍ଜାଯାଇ ମୋଜାଇକ୍ ପରି ଦିଶୁଛି । ଘର ଭିତରେ ବେଶ୍ ଥଣ୍ଡା । ଗାଁ ମଝିରେ ମହୁଲ ଶୁଖୁଛି । ତା' ମିଠା ବାସ୍ନା ଖେଳେଇ ହୋଇ ପଡୁଛି ତମାମ ଗାଁ । ମାତ୍ର ୪/୫ ଜଣ ବୟସ୍କ, ଅଳ୍ପ କିଛି କୁନି କୁନି ପିଲା ଏବଂ ସେମାନଙ୍କଠୁ ସାନ କେତୋଟି ଛେଳି ଛୁଆଙ୍କୁ ବାଦ୍ ଦେଲେ ସମୁଦାୟ ଗାଁ ଶୁନ୍‌ଶାନ୍ ଲାଗୁଥିଲା । ସଂଯୋଗକୁ ଉପସ୍ଥିତ ଥିଲେ ଗାଁ ମୁଖିଆ ଗଙ୍ଗାଧର ଜାନୀ । ତାଙ୍କୁ ପଚାରି ବୁଝିଲୁ ଯେ ଦେଶୁଘାଟୀର ପିଲାବୁଢା ସମସ୍ତେ ସକାଳୁ ସକାଳୁ ଯାଇଛନ୍ତି ରଙ୍ଗାପାରୁ, (ମୁଖିଆ ପରେ ଯିବେ) ପଦ୍ମାବତୀର ବାହାଘର ଭୋଜି ଖାଇ । ପଦ୍ମାବତୀ ସେଇ ଗାଁର ଝିଅ । ନିକଟରେ ବେଲଘର ହାଟରେ ପଦ୍ମାବତୀକୁ ପସନ୍ଦ କରିଥିଲା ରଙ୍ଗାପାରୁର ଜଣେ ଯୁବକ । ଆଦିବାସୀ ସମାଜରେ ପ୍ରଚଳିତ 'ଝିକା' ପ୍ରଥାରେ ପରିବର୍ତ୍ତନ ଏବକୁ ଅବଶ୍ୟ ଆସିଯାଇଛି । କାରଣ ପଦ୍ମାବତୀକୁ ନେଇ ନ ଯାଇ ଯୁବକର ଘରୁ ବିବାହ ପ୍ରସ୍ତାବ ଆସିଥିଲା ଦେଶୁଘାଟୀ । ଉଭୟପକ୍ଷ ଏହାକୁ ସ୍ୱୀକୃତି ଦେଇଥିଲେ ।



ମହୁଲ ଖଳାଠୁ ମାତ୍ର କେଇ ହାତ ଦୂରରେ ଲିପାପୋଛା ହୋଇଥିବା ଏକ ପରିଷ୍କାର ଜାଗାରେ ଥିବା ଖଣ୍ଡେ ପଥର । ତା'ଠୁ ଅଳ୍ପ ଦୂରରେ କାଠର ମସ୍ତବଡ ଅର୍ଗଳି । ପଥର ପାଖରେ ଆମେ ଅଟକିବା ପରେ ମୁଖିଆ କହିଲେ, 'ମାଟି ମା ଆଜ୍ଞା । ଆମେ ପୂଜା କରୁ' । ଆଉ ଏ ପ୍ରକାଣ୍ଡ ଅର୍ଗଳି ? ଆମେ ପଚାରିଲୁ । 'ବର୍ଷରେ ଥରେ ଏଠି ପୋଢ ବଳି ପଡେ । ଚୈତ୍ର ମାସରେ' । ଉତ୍ତର ଦେଲେ ମୁଖିଆ । ଆଉ ଟିକେ ଆଗକୁ ଆମେ ଚାଲିଲୁ । ସମସ୍ତଙ୍କ ବାରଣ୍ଡାରେ ସିଏଫ୍ଏଲ୍ ଲାଇଟ୍ ଲାଗିଥିଲା । କାନ୍ଥରେ ସୁଇଚ୍ । ଦେଶୁଘାଟୀକୁ ବିଜୁଳି ଆଲୁଅ ଆସିନଥିଲା । ଆଖପାଖରେ ସୋଲାର୍ ପ୍ୟାନେଲ୍ ବି କାହିଁ ଆଖିରେ ପଡୁନଥିଲା । କୌତୂହଳୀ ହୋଇ ମୁଁ ଜଣଙ୍କ ବାରଣ୍ଡାକୁ ଉଠି ସୁଇଚ୍ ଟିପିଲି । ନାଁ, ଜଳୁନି । ମୁଖିଆ କହିଲେ, ଆଜ୍ଞା ସଂଧ୍ୟା ୬ଟାରୁ ରାତି ୧୦ଟା, ନହେଲେ ଅତିବେଶୀରେ ସାଢେ ଦଶଟା । ତାପରେ ବିଜୁଳି ବନ୍ଦ । ଦେଶୁଘାଟୀ ଅଞ୍ଚଳରେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ (ସେବା ଭାରତୀ) ପ୍ରଚେଷ୍ଟାରେ ୩/୪ ବର୍ଷ ଆଗରୁ ଏକ ମିନି ହାଇଡେଲ୍ ପ୍ରୋଜେକ୍ଟ ଚାଲୁ ରହିଛି ବୋଲି ଶୁଣିଥିଲି ।

ଏବେ ଜାଣିଲୁ ଯେ ସେଇ ପ୍ରକଳ୍ପ ଥିଲା ଆମଠୁ ମାତ୍ର ଶହେ ମିଟର ଦୂରରେ । ଗାଁ ମୁଣ୍ଡରୁ ୫୦/୬୦ ଫୁଟ ତଳକୁ ଓହ୍ଲାଇବାପରେ ଆଖିରେ ପଡିଲା ପାହାଡରୁ ଲମ୍ବିଥିବା ମୋଟା ପିଭିସି ପାଇପ୍ ଏବଂ ପ୍ରାୟ ୧୨୦/୧୩୦ ବର୍ଗ ଫୁଟର ପକ୍କା ଘର । ଏଇ ଘରଟି ହିଁ ଥିଲା ମେସିନ୍ ରୁମ୍ । ଆଉ କେଇ ଫୁଟ ତଳକୁ ଓହ୍ଲେଇ ଆମେ ମେସିନ୍ ରୁମ୍‌ର ଝରକା ପାଖକୁ ଆସିଲୁ । ପାହାଡ ଉପରୁ ଲମ୍ବିଥିବା ପାଇପ୍‌ର ଶେଷମୁଣ୍ଡ ତଳେ ଥିଲା ଟର୍‌ବାଇନ୍ । ମେସିନ୍ ରୁମ୍ ର ଅନ୍ୟାନ୍ୟ ଯନ୍ତ୍ରାଂଶ ଭିତରେ ଉଲ୍ଲେଖନୀୟ ଥିଲା ଏକ ଭୋଲ୍‌ଟେଜ୍ ରେଗୁଲେଟର ଯାହା ମାଧ୍ୟମରେ ଟର୍‌ବାଇନ୍‌ରୁ ଉତ୍ପନ୍ନ ବିଦ୍ୟୁତ୍ ଶକ୍ତି ନିୟନ୍ତ୍ରିତ ହୋଇ କେବୁଲ୍ (ମାଟିତଳ) ଦ୍ୱାରା ଯୋଗାଇ ଦିଆଯାଇଥିଲା ଗାଁକୁ । ପାଇପ୍‌ରେ ଆସୁଥିବା ଉଦ୍‌ବୃତ୍ତ ଜଳ ମେସିନ୍ ରୁମ୍ ବାହାରେ ପଡୁଥିଲା କଂକ୍ରିଟ୍‌ର ନାଳକୁ ଯାହା ଟର୍‌ବାଇନ୍‌ରୁ ନିଷ୍କାସିତ ପାଣି ସହ ତଳକୁ ଯାଉଥିଲା । ସନ୍ଧ୍ୟା ୬ ରୁ ରାତି ୧୦ ପର୍ଯ୍ୟନ୍ତ, ପ୍ରାୟ ବର୍ଷ ସାରା ଚାଲୁଥିଲା ଏଇ କୁନି ଜଳ ବିଦ୍ୟୁତ୍ ପ୍ରକଳ୍ପ । କମ୍ ଖର୍ଚ୍ଚରେ ବିଜ୍ଞାନର ବ୍ୟାବହାରିକ ପ୍ରୟୋଗର ଚମତ୍କାର ନମୂନା । ମେସିନ୍ ଚଳେଇବା ପାଇଁ ଉଦ୍ଦିଷ୍ଟ ତାଲିମପ୍ରାପ୍ତ କେହି ଦରକାର ପଡୁନଥିଲା । ଗାଁର ଅଧାରୁ ଅଧିକ ଏ କାମ ଅକ୍ଳେଶରେ କରି ପାରୁଥିଲେ । ଟର୍‌ବାଇନ୍‌ର ଠିକ ଉପରେ ପାଇପ୍‌ରେ ଲାଗିଥିବା ପାଣିଚାବି ଖୋଲିଲେ ମେସିନ୍ ଷ୍ଟାର୍ଟ ହେଉଥିଲା । ପାଖାପାଖି ୮ କିଲୋ ୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ ହେଉଥିଲା ଏଇ ପ୍ରକ୍ରିୟାରେ । ହେଲେ ଗାଁରେ ଆବଶ୍ୟକ ହେଉଥିଲା ଅତିବେଶୀରେ ଚାରି କିଲୋୱାଟ୍ । ମେସିନ୍ ରୁମ୍ ଝରକା ଦେଇ ପାହାଡ ଉପରକୁ ଚାହିଁଲି । ଗଛଲତା ଆଢୁଆଳରେ ପାଣି ପାଇପ୍ ଅଧିକ ଦୂର ଯାଏଁ ଦେଖାଯାଉ ନଥିଲା । ମୁଖିଆ କହିଲେ ସେଇଠୁ ୬୦/୭୦ ଫୁଟ ଉଚ୍ଚତାରେ

ତିଆରି ହୋଇଛି ଏକ ବଡ କଂକ୍ରିଟ୍ କୁଣ୍ଡ ଯାହାର ଜଳଧାରଣ କ୍ଷମତା ୯୦,୦୦୦ ଘନଫୁଟ । କଂକ୍ରିଟ୍ କୁଣ୍ଡକୁ ପାଣି ଆସେ ପିପଡାବାଲି ପାହାଡ ଉପରୁ ଆଉ ଏକ ପାଇପ୍ ଯୋଗେ । ଚିରସ୍ରୋତା ଯେଉଁ ଝରଣା ପ୍ରକଳ୍ପ ପାଇଁ ପାଣିର ମୂଳ ଉତ୍ସ, ତା ନାଁ ସାବିଦଉଣି । କଂକ୍ରିଟ୍ କୁଣ୍ଡରେ ନିର୍ଦ୍ଦିଷ୍ଟ ପରିମାଣର ପାଣି ଥିବା ଯାଏଁ ବିଦ୍ୟୁତ୍ ଉତ୍ପାଦନ ଅବ୍ୟାହତ ରହୁଥିଲା । ଅବଧି ୪ରୁ ସାଢେ ଚାରି ଘଣ୍ଟା । ମୁଖିଆ ଆମକୁ ଏକଥା ବି ପ୍ରସଙ୍ଗ କ୍ରମେ କହିଲେ ଯେ ପ୍ରକଳ୍ପଟି ହାତକୁ ନେବା ବେଳେ ଦେଶୁଘାଟୀ ସମେତ ୩ ଖଣ୍ଡ ଗାଁରେ ସଭା ହୋଇଥିଲା । ନିଷ୍ପତ୍ତି ନିଆଯାଇଥିଲା ଯେ ତିନିଟି ଗାଁର ଲୋକେ ପ୍ରକଳ୍ପ ପାଇଁ ସ୍ୱେଚ୍ଛାକୃତ ଶ୍ରମଦାନ କରିବେ । ତେବେ ଅସଲରେ କାମ କରିଥିଲେ କେବଳ ଦେଶୁଘାଟୀ ବାସିନ୍ଦା ।

ମୁଣ୍ଡାଟି ଏବଂ ସିକୋଟି ଗାଁ ତେଣୁ ବର୍ତ୍ତମାନ ପାଇଁ ବାଦ୍ ପଡିଛନ୍ତି ବିଦ୍ୟୁତ୍ ସଂଯୋଗରୁ । ଆମେ ଜାଣିଲୁ ଯେ ବଳକା ବିଦ୍ୟୁତ୍‌ର ଉପଯୋଗ ଠିକ୍ ହୋଇ ପାରୁନଥିଲା । ବିଦ୍ୟୁତ୍ ସରବରାହରେ ନିୟନ୍ତ୍ରଣ ଆଣିବା ପାଇଁ କେବଳ ୱାଟର୍ ହିଟର୍‌ରେ ଯାହା ପାଣି ଗରମ କରାଯାଉଥିଲା । ଉଦ୍‌ବୃତ୍ତ ଜଳ ବି ନଷ୍ଟ ହେଉଥିଲା, କାରଣ ଅଧିକାଂଶ ଚାଷ ଜମି ଉଚ୍ଚରେ ଏବଂ ଦୂରରେ ଥିଲା । ବିଧିବଦ୍ଧ ଜଳସେଚନ ପାଇଁ ପାଣି ଉପରକୁ ଉଠାଇବା ଆବଶ୍ୟକ ପଡୁଥିଲା । ସେଥିପାଇଁ ସମ୍ପ୍ ନଥିଲା, ପମ୍ପ୍ ନଥିଲା କି ଚାନେଲ୍ ନଥିଲା । ଦେଶୁଘାଟୀ ବାସିନ୍ଦାଙ୍କ ଆଶା କିନ୍ତୁ ଅମ୍ଳାନ ଥିଲା । ମୁଖିଆ କହିଲେ, କେବଳ ବିଦ୍ୟୁତ୍ ନୁହେଁ, ଏଇ ପ୍ରକଳ୍ପ ଯୋଗୁଁ ବର୍ଷ ସାରା ସେମାନଙ୍କୁ ପିଇବା ପାଇଁ ପାଣି ମିଳୁଛି ଏବଂ ପନିପରିବା ଚାଷ ଭଲ ହେଉଛି । ଗାଁ ମୁଣ୍ଡରେ ପହଞ୍ଚିବା ପରେ ସେ ଆମକୁ ଦେଖେଇଲେ ଗୋଷ୍ଠୀ ଉଦ୍ୟମରେ ହୋଇଥିବା ପରିବା ଚାଷ ଏବଂ ଗୋଟିଏ ପାଣି ଟ୍ୟାପ୍ । ବିନା ପମ୍ପରେ 'ଗ୍ରାଭିଟି ଫ୍ଲୋ'ରେ ପାଣି ଉଠୁଥିଲା । ଅଦ୍ଭୁତ ।

ଦେଶୁଘାଟୀ ଛାଡି ଝିରିପାଣି ରାସ୍ତା ଧରିବା ବେଳକୁ ଆମ ସହିତ ଥିଲେ ମୁଖିଆ ଏବଂ ୩/୪ଟି ସାନ ପିଲା । ସାଙ୍ଗରେ ଥିବା ବିଡିଓ ରବି ନାରାୟଣ ବାବୁ କହିଲେ ଯେ ଖୁବ୍ ନିକଟରେ ଦେଶୁଘାଟୀ ଗାଁ ଦାଣ୍ଡ କଂକ୍ରିଟ୍ ହେବ । ପାୱାର ହାଉସ୍/ମେସିନ୍ ରୁମ୍ ପର୍ଯ୍ୟନ୍ତ ପକ୍କା ପାହାଚ ବି କରାଯିବ । ଝିରିପାଣି ପହଞ୍ଚିବା ଆଗରୁ ଆମକୁ ଆଉ ଥରେ ଅତିକ୍ରମ କରିବା ପାଇଁ ପଡିଥିଲା ଚାଉଳଧୁଆ ନଈ । କେଇବର୍ଷ ଆଗରୁ ଏଠି ନଈ ଉପରେ ତିଆରି ହୋଇଥିବା ପୋଲ ବନ୍ୟାରେ ଅଧାରୁ ଅଧିକ ଭାଙ୍ଗି ଯାଇଥିଲା । ନଈର ଗୋଟିଏ ପାଖରେ ଥିଲା ପିକ୍ ଅପ୍ ଭ୍ୟାନ୍ । ଜଙ୍ଗଲ ବିଭାଗ ତରଫରୁ ଖବର ମିଳିଲେ ଜଙ୍ଗଲକୁ ଯାଇ ନିଆଁ ଲିଭେଇବା ପାଇଁ । ଚାଉଳଧୁଆରେ ପାଣି କମ୍ ଥିଲା ଏବଂ ଦେଶୁଘାଟୀରେ ପହଞ୍ଚିବା ଆଗରୁ ଆମେ ଅଙ୍କାବଙ୍କା ଏ ନଈକୁ ଅତିକ୍ରମ କରିଥିଲୁ ପାଞ୍ଚଥର । ମାତ୍ର ୧୨ କିଲୋମିଟର ରାସ୍ତାରେ (ବେଲଘରରୁ ଝିରିପାଣି ପଞ୍ଚାୟତ ଅଫିସ୍) ୬ ଥର ଦେଖା ହୋଇଥିଲା ଚାଉଳଧୁଆ ସହିତ । ଗୁମାରୁ ବାହାରିଥିବା ଏଇ ପାହାଡିଆ ନଈ ହିଁ ଝିରିପାଣିର ଅସଲ

ଦୁଃଖ । ଚତୁର୍ମାସ୍ୟାରେ ବସ୍ତୁତଃ ବିଚ୍ଛିନ୍ନ ହୋଇପଡେ ପଞ୍ଚାୟତର ୨୪ଟି ଗାଁ । ତେଣିକି ଡାକ୍ତରୀ ଚିକିତ୍ସା ଏବଂ ଜରୁରୀ ଆବଶ୍ୟକତା ପାଇଁ ଏସବୁ ଗାଁର ବାସିନ୍ଦା ନିର୍ଭର କରନ୍ତି କଳାହାଣ୍ଡି ଏବଂ ରାୟଗଡା ଉପରେ । ଲୋକେ ଆମ୍ଦଳା ଦେଇ ଯା'ନ୍ତି ରାମପୁର ଓ ରାୟଗଡା ।

ଅନ୍ୟ ଉପାୟ ନାହିଁ । ଘାଟି ରାସ୍ତାରେ ବର୍ଷା ଦିନେ ମଝିରେ ମଝିରେ ଭୂସ୍ଖଳନ ମଧ୍ୟ ହୁଏ । ଝିରିପାଣି ପଞ୍ଚାୟତ ଅଫିସ୍‌ରେ ଉପସ୍ଥିତ ଥିଲେ ସରପଞ୍ଚ ଏବଂ ତାଙ୍କ ସ୍ୱାମୀ । ପ୍ରକୃତରେ ସରପଞ୍ଚଙ୍କ ସ୍ୱାମୀ ହିଁ ପଞ୍ଚାୟତର ସବୁ କାମ ବୁଝୁଥିଲେ । କେତୋଟି ପ୍ରକଳ୍ପ ବୁଲେଇ ଦେଖେଇବା ପରେ ସେ କୁଇ-ଓଡ଼ିଆ-ଇଂରେଜୀ ମିଶା ଭାଷାରେ ନିଜ ଲୋକଙ୍କ ଦାବୀ ଜଣେଇଥିଲେ ଯେ ଯେତେଶୀଘ୍ର ସମ୍ଭବ ଚାଉଳଧୁଆ ନଈ ଉପରେ ପୋଲ କରନ୍ତୁ । ପଞ୍ଚାୟତ ବାସୀଙ୍କ ଅଭିଯୋଗ ଥିଲା ଯେ ମ୍ୟାଲେରିଆ ପ୍ରବଣ ଦୁର୍ଗମ ଅଞ୍ଚଳରେ ବର୍ଷରେ ଚାରିମାସରୁ ଅଧିକ ସମୟ ସେମାନେ ବଞ୍ଚିତ ରହୁଥିଲେ ସ୍ୱାସ୍ଥ୍ୟସେବାରୁ । ଅନ୍ୟ ଦିନେ ବି ଜଣେ ରୋଗୀକୁ ଝିରିପାଣିରୁ ଦୁମୁଡିବନ୍ଧ ନେବା ପାଇଁ ଗାଡି ଭଡ଼ା ବାବଦରେ ଦେବାକୁ ପଡୁଥିଲା ତିନିହଜାର ଟଙ୍କା । ବେଲଘରରେ ଡାକ୍ତର ନଥିଲେ । ବର୍ଷ ବର୍ଷ ଧରି କେବଳ ଭୋଟ ବେଳେ ସେମାନଙ୍କୁ ସାନ୍ତ୍ୱନା ମିଳୁଥିଲା ସବୁ ଠିକ୍ ହୋଇଯିବ ।

ସନ୍ଧ୍ୟା ଆଗରୁ ବେଲଘର ଲେଉଟାଣି ରାସ୍ତାରେ ଆମେ ଚାଉଳଧୁଆ ନଈକୁ ଅନ୍ତତଃ ୩ ଥର ଅତିକ୍ରମ କରି ସାରିଥିଲୁ । କିଛି ସମୟ ହାଲ୍‌କା ବର୍ଷା ହୋଇ ଛାଡି ଯାଇଥିଲା । ଓଦାମାଟିର ବାସ୍ନା, ରାସ୍ତା ଦି' ପାଖରେ ପଳାଶ ଫୁଲ, ମେଘ ଆଢୁଆଳରେ ଧୂଆଁ ପରି ଦିଶୁଥିବା ଦୂର ପାହାଡ, ଚଢେଇଙ୍କ ଚେଁ ଚାଁ, ସବୁ ଅପୂର୍ବ ଲାଗୁଥିଲା । ଝିରିପାଣିରେ ବସନ୍ତ ତଥାପି ଯେମିତି ଡେରା ପକେଇ ରହିଥିଲା । ରାସ୍ତା କିନ୍ତୁ ଥିଲା ଏକଦମ୍ ଶୂନ୍‌ଶାନ୍ । ଆମ ପଛରେ ରହିଯାଇଥିଲା ପିପଡାବାଲି ପାହାଡ, ପଦ୍ମାବତୀର ଗାଁ । ଭାବୁଥିଲି, ଦେଶୁଘାଟୀରେ ମେସିନ୍ ରୁମ୍‌ରେ କେହି ଜଣେ ହୁଏତ ପହଞ୍ଚୁଥିବ । ହୁଏତ ଆଲୁଅ ଜଳିବଣି ଏବଂ ଗାଁର ଏକମାତ୍ର ଟିଭି ସେଟ୍‌କୁ ଘେରି ବସିଥିବେ ସମସ୍ତେ । ଚାଉଳଧୁଆକୁ ଶେଷଥର ପାଇଁ ଟପିବା ଆଗରୁ ସନ୍ଧ୍ୟା ହୋଇ ସାରିଥିଲା । ବାର କିଲୋମିଟର ରାସ୍ତା ପାଇଁ ଏକ ଘଣ୍ଟାରୁ ଅଧିକ ଲାଗିଥିଲା । ପ୍ରାୟ ୬୦/୭୦ ଜଣ ଲୋକ ନଈ ଆରପାଖରୁ ଆସୁଥିଲେ । କେହି ଜଣେ ଗୀତ ଗାଉଥିଲା । ଆଉ କେତେ ଜଣ ତା ସହିତ ସୁର ମିଳେଇବା ପାଇଁ ଚେଷ୍ଟାକରି ବିଫଳ ହେଉଥିଲେ । 'କୁଆଡୁ ଫେରୁଛ', କୁଇ ଭାଷାରେ ଡ୍ରାଇଭର ସେମାନଙ୍କୁ ପଚାରିଲା । ଉତ୍ତର ମିଳିଲା, ରଙ୍ଗାପାରୁରୁ । ଆମର ଆଉ ବୁଝିବା ବାକି ନଥିଲା । ପଦ୍ମାବତୀର ବା'ଘର ଭୋଜି ଖାଇ ଦେଶୁଘାଟୀ ଫେରୁଥିଲେ ଏମାନେ । ଆଉ କେଇଦିନ ପରେ ପଦ୍ମାବତୀ ପ୍ରଥମ କରି ବୁଲି ଆସିବ ବାପଘରକୁ । ଏପଟେ ପୁଣି ଭୋଜିଭାତ ହେବ । ସଲପର ଆସର ଜମିବ । କିଛି ସମୟ ତୁନି ରହିବା ପରେ ଲୋକଟା ପୁଣି ଗୀତ ଗାଇବା ଆରମ୍ଭ କଲା । ସେ ଗୀତର ବିନ୍ଦୁ ବିସର୍ଗ ମୁଁ ବୁଝି ପାରୁ ନଥିଲି । ତେବେ ସେ ଗୀତ ଥିଲା ଖୁସିର ଗୀତ । ତୃପ୍ତିର ଗୀତ । *

(ସମ୍ବାଦ, ଏପ୍ରିଲ୍ ୧୮, ୨୦୧୩)

ସିଦ୍ଧାନ୍ତ କେବଳ ଆପେକ୍ଷିକ ଭାବେ ହିଁ ସତ୍ୟ । ଚୂଡାନ୍ତ ନୁହେଁ । ର୍ୟାନ୍ ଏବଂ କ୍ୟାସିଲ୍ଡାଙ୍କ ବିଚାର ଏଥିରୁ ମୁକ୍ତ ନୁହେଁ । ବିବର୍ତ୍ତନ (ଜୈବ) ଏକ ପ୍ରଭାବଶାଳୀ ପ୍ରକ୍ରିୟା ହୋଇପାରେ, ତେବେ ଏହା ମଣିଷର ଆଧ୍ୟାତ୍ମିକ ଉତ୍ତରଣର ଊର୍ଦ୍ଧ୍ୱରେ ନୁହେଁ । ହେଲେ ଦୁଃଖ ହେଉଛି, ଆମେ କିଛି ବି ବୁଝିବା ପାଇଁ ପ୍ରସ୍ତୁତ ନୁହେଁ । *

(ସମ୍ବାଦ ଡିସେମ୍ବର ୧୧, ୨୦୧୩)